# ଓଡ଼ିଶା ବିଧାନସଭା

## ପ୍ରଥମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୯ ଜୁଲାଇ ୨୦୨୪

----

[ସ୍ୱରାଷ୍ଟ୍ର - ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ - ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ଅର୍ଥ - ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ - ସଂସଦୀୟ ବ୍ୟାପାର ମୁଖ୍ୟମନ୍ତ୍ରୀ ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ମାର୍କୋଣା ଠାରେ ଏକ ଦମକଳ କେନ୍ଦ୍ର ସ୍ଥାପନ

*121 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲା ଅଧିନସ୍ଥ ସିମୁଳିଆ ବ୍ଲକ ଏକ ଜନବହୁଳ ବ୍ଲକ ଭାବରେ ପରିଗଣିତ ହେଉଥିବା ସ୍ଥଳେ ଜନସାଧାରଣଙ୍କର ଧନ ଜୀବନର ସୁରକ୍ଷାକୁ ଅନୁଧ୍ୟାନ କରି ମାର୍କୋଣା ଠାରେ ଏକ ଦମକଳ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବେ କି?

----

### କବାଟବନ୍ଧ PHCକୁ CHCରେ ପରିଣତ

*122 **ଶ୍ରୀ ହିମାଂଶୁ ଶେଖର ସାହୁ (ଧର୍ମଶାଳା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କବାଟବନ୍ଧ PHCକୁ CHCରେ ପରିଣତ କରିବା ପାଇଁ ଅବଶ୍ୟକତା ଅନୁଯାୟୀ ସମସ୍ତ Parameter ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରକାର ଏହାକୁ କାର୍ଯ୍ୟକାରୀ କରି ନାହାଁନ୍ତି, ଏହି PHCକୁ CHC କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

### ବ୍ୟାଙ୍କ ଦ୍ୱାରା ଜମାରାଶି ଗ୍ରହଣ

*123 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବିଗତ ତିନି ବର୍ଷରେ ରାଜ୍ୟରେ ରାଷ୍ଟ୍ରାୟତ୍ତ, ଘରୋଇ ଓ ସମବାୟ ବ୍ୟାଙ୍କ ମାନେ କେତେ ଜମାରାଶି ଗ୍ରହଣ କରିଥିଲା ବେଳେ କେତେ ଋଣ ଲଗାଣ କରିଛନ୍ତି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## Construction of Mobile Towers

*124 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many mobile towers ( BSNL or Pvt. Service providers) have been completed and under construction stage in different Blocks under Daspalla Assembly Constituency; Why the towers completed in all respect have not yet made functional and by what time the towers will be made functional ?

----

## ସରକାରୀ ବାସ ଭବନରେ ହୋଇଥିବା ଖର୍ଚ୍ଚ ସମ୍ପର୍କରେ

*125 **ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ 5 ବର୍ଷ ମଧ୍ୟରେ ଭୁବନେଶ୍ୱରରେ ସରକାରୀ ବାସ ଭବନରେ କେତେ ଟଙ୍କା ଖର୍ଚ୍ଚ ହୋଇଛି କେଉଁ କେଉଁ ସରାକରୀ ବାସ ଭବନରେ କେଉଁ ଆଧାରରେ ଖର୍ଚ୍ଚ ହୋଇଛି ଏବଂ ସରକାରୀ ବାସ ଭବନରେ କେଉଁ ଲୋକ ବାସ କରୁଥିଲେ ଜଣାଇବେ କି ?

----

## ଭୋଟର ତାଲିକା ସଂଶୋଧନ କରିବା

*126 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଚଳିତ 2024 ସାଧାରଣ ନିର୍ବାଚନରେ ଭୋଟର ପରିଚୟପତ୍ର ନିଜ ବାସସ୍ଥାନରେ ରହୁଥିବା ବହୁ ଭୋଟରଙ୍କ ନାମ ନିର୍ବାଚନ ସମୟରେ ଭୋଟର ତାଲିକାରେ(Deleted) ବାଦ ଦିଆଯାଇଛି ବୋଲି ଦର୍ଶାଯାଇଥିବା କାରଣରୁ ବହୁ ଭୋଟର ମତଦାନରୁ ବଂଚିତ ହୋଇଥିବା ଅଭିଯୋଗ ପ୍ରତି ସରକାର ସଚେତନ କି, ଉତ୍ତର ହଁ ହେଲେ ଜୀବିତ ଥାଇ ଗ୍ରାମରେ ଉପସ୍ଥିତ ଥିବା ଭୋଟରମାନଙ୍କୁ ଉଦ୍ଦେଶ୍ୟମୂଳକଭାବେ ତାଲିକାରୁ ବାଦ୍ ଦେଇଥିବା ଅଧିକାରୀମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେକି ଏବଂ (ଖ) ପୁନଶ୍ଚ ଗ୍ରାମୱାରୀ ଭୋଟର ତାଲିକା ଅଧୁନାତନ ପାଇଁ ସରକାର ସର୍ବେକ୍ଷଣ କରିବେକି?

----

## ମେଡିସିନ୍ ଡାକ୍ତର ଅଭାବରୁ ସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ

*127 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- **ଗଞ୍ଜାମ ଜିଲ୍ଲାର ବିଭିନ୍ନ CHC, PHC ମାନଙ୍କର ମେଡିସିନ୍ ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହୋଇଛି, ଯାହାଫଳରେ ସାଧାରଣ ଲୋକ ସ୍ୱାସ୍ଥ୍ୟ ସେବା ପାଇବାରେ ବଞ୍ଚିତ ହୋଇଛନ୍ତି ଏଣୁ ସରକାର ଏହି ଦିଗରେ ପଦକ୍ଷେପ ନେବା ପାଇଁ ବିଚାର କରିଛନ୍ତି କି ?**

----

## ଅବସର ଗ୍ରହଣ ଦିନ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ

***128 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଅବସର ଗ୍ରହଣ ଦିନ ସରକାରୀ କର୍ମଚାରୀମାନଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ମଞ୍ଜୁରୀ ପାଇଁ ସରକାର କି ଭିତ୍ତିଭୂମି ଉନ୍ନୟନ କରିଛନ୍ତି; ଏହି କାର୍ଯ୍ୟ କେବେଠାରୁ କାର୍ଯ୍ୟକାରୀ କରାଯିବ ?

----

## Network ନଥିବା ଅଞ୍ଚଳରେ Network ବ୍ୟବସ୍ଥା କରିବା

***129 ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସ୍ୱାଧୀନତାର 77 ବର୍ଷ ପର କଟକ ଭଳି ଗୋଟିଏ ପ୍ରମୁଖ ଜିଲ୍ଲାର ବାଙ୍କି ବ୍ଲକ ଅନ୍ତର୍ଗତ ପୁଇଁଝିଆ ଗ୍ରାମ ପଞ୍ଚାୟତର Telephone Network ନଥିବାରୁ ଉକ୍ତ ପଞ୍ଚାୟତର ଲୋକମାନେ Network ଅଭାବରୁ ସରକାର ସାଧାରଣ ସୁବିଧା ଯଥା ପେନସନ୍, ରାସନ ଏବଂ ଜନ ସେବା କେନ୍ଦ୍ର ପ୍ରଭୃତି ଅନେକ ସୁବିଧାରୁ ବଞ୍ଚିତ ହେଉଛନ୍ତି ତେଣୁ ଲୋକ ମାନଙ୍କର ସୁବିଧା ପାଇଁ ସରକାର କେବେ ସୁଦ୍ଧା Internet Network ସୁବିଧା ଯୋଗାଇ ଦେବେ କହିବେ କି ?

----

## ଡାକ ଓ ଇ-ମେଲ୍ ଯୋଗେ ଅଭିଯୋଗ ଗ୍ରହଣ

***130 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଜନସାଧାରଣ କେଉଁ କେଉଁ ସମସ୍ୟାର ସମ୍ମୁଖୀନ ହୋଇ ତାହାର ସମାଧାନ ନିମନ୍ତେ କ୍ଷେତ୍ର କାର୍ଯ୍ୟାଳୟଠାରୁ ଆରମ୍ଭ କରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହେଉଛନ୍ତି, ଦୀର୍ଘଦିନର ବିବିଧ ଅଭିଯୋଗକୁ ତର୍ଜମା କରି ମୁଖ୍ୟ ଅଭିଯୋଗ ଗୁଡ଼ିକ ଚିହ୍ନଟ ହୋଇଛି କି, ଉତ୍ତର ହଁ ହେଲେ ତାହାର ତ୍ୱରିତ ସମାଧାନ ପାଇଁ କି ସ୍ୱତନ୍ତ୍ର ଆକ୍ସନପ୍ଲାନ୍ ପ୍ରସ୍ତୁତ କରାଯାଉଅଛି ଏବଂ (ଖ) ଲୋକମାନେ ଖର୍ଚ୍ଚାନ୍ତ ହୋଇ ବିଭିନ୍ନ କାର୍ଯ୍ୟାଳୟକୁ ନ ଆସି ନିଜ ଘରୁ ଡାକ ଯୋଗେ, ଇ-ମେଲ୍ ଯୋଗେ ପ୍ରେରଣ କରୁଥିବା ଅଭିଯୋଗ ଗୁଡ଼ିକୁ ଗ୍ରହଣ କରି ତାହା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲୋକଙ୍କ ସମସ୍ୟାର ଆଶୁ ସମାଧାନ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଅଛି ?

----

## ଭୋଗରାଇ ନିର୍ବାଚନ ମଣ୍ଡଳୀ ନୂତନ ଥାନା ଫାଣ୍ଡି ଖୋଲିବା

***131 ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଭୋଗରାଇ ନିର୍ବାଚନ ମଣ୍ଡଳୀର ଏକ ଅତ୍ୟନ୍ତ ଜନବହୁଳ ଅଞ୍ଚଳ ହୋଇଥିବାରୁ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଏବଂ ଆଇନ ଶୃଙ୍ଖଳା ରକ୍ଷା ଲାଗି କେତୋଟି ସ୍ଥାନରେ ନୂତନ ଥାନା ବା ଫାଣ୍ଡି ଖୋଲିବାକୁ ପ୍ରସ୍ତାବ ରହିଛି ଏବଂ ସେଥିମଧ୍ୟରୁ କେତୋଟି ପ୍ରସ୍ତାବକୁ ସରକାର ମଞ୍ଜୁର କରିଛନ୍ତି ?

----

## ରେଙ୍ଗାଠାରେ ଏକ PHC ଖୋଲିବା

***132 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କୋରାପୁଟ ଜିଲ୍ଲା ସିମିଳି ଗୁଡା ବ୍ଲକ ଅନ୍ତର୍ଗତ ରେଙ୍ଗାଠାରେ ଏକ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (PHC) ନିର୍ମାଣ ପାଇଁ କଣ ପଦକ୍ଷେପ ନିଆଯାଇଛି, (ଖ) ପଟାଙ୍ଗି ନିର୍ବାଚନ ମଣ୍ଡଳୀର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ଥିବା ପଦବୀ ଗୁଡିକ ପୂରଣ କରିବା ଦିଗରେ କଣ କଣ ପଦକ୍ଷେପ ନିଆଯାଇଅଛି ଓ ଏହା କେବେ ସୁଦ୍ଧା ପୂରଣ କରାଯିବ ?

----

## ଅର୍ଥ କମିଶନ ଦ୍ୱାରା ଅର୍ଥ ସୁପାରିଶ

***133 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସମ୍ବିଧାନର ଧାରା ୨୮୦ ଅନୁସାରେ ପଞ୍ଚଦଶ କେନ୍ଦ୍ର ଅର୍ଥ କମିଶନ ଓଡ଼ିଶାକୁ ୨୦୧୯-୨୦ ଠାରୁ ୨୦୨୩-୨୪ ମଧ୍ୟରେ କେତେ କେତେ ଅର୍ଥରାଶି ଯୋଗାଇଦେବାକୁ ସୁପାରିଶ କରିଥିଲେ (Tax Devolution ଓ Grants-in-Aid) ଓ କେନ୍ଦ୍ର ବଜେଟରେ ସମ୍ପୃକ୍ତ ବର୍ଷମାନଙ୍କରେ କେତେ କେତେ ଅର୍ଥ ବରାଦ କରିଥିଲେ ଏବଂ ଏହି ବର୍ଷମାନଙ୍କରେ କେଉଁ କେଉଁ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟକୁ କେତେ କେତେ ପରିମାଣର ଅର୍ଥ ହସ୍ତାନ୍ତର କରିଛନ୍ତି ତାର ଏକ ବିସ୍ତୃତ ବିବରଣୀ ଦେବେ କି ?

----

## ଖାଲିଥିବା ଆରକ୍ଷୀ ଅଧିକାରୀ ପଦବୀ ପୂରଣ

***134 ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମୋଟ୍ ମଞ୍ଜୁରୀପ୍ରାପ୍ତ ବିଭିନ୍ନ ବର୍ଗର ଆରକ୍ଷୀ ଅଧିକାରୀ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ଏହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## କାର୍ଯ୍ୟରତ ଡାକ୍ତରମାନଙ୍କ ବଦଳୀ ନୀତି

***135 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ବିଭିନ୍ନ ମେଡିକାଲ ଗୁଡିକରେ କାର୍ଯ୍ୟରତ ଡାକ୍ତରମାନଙ୍କ ପାଇଁ ବଦଳୀ ନୀତି କଣ ଅଛି ଏବଂ ସେମାନେ ଯେତେବେଳେ କୌଣସି ପ୍ରଶିକ୍ଷଣ ନିମନ୍ତେ ଯାଉଛନ୍ତି ସେତେବେଳେ ବିଭାଗ ପକ୍ଷରୁ ସେମାନଙ୍କ ପରିବର୍ତ୍ତେ ଡାକ୍ତରଙ୍କୁ ନିଯୁକ୍ତି ଦେଲାପରେ ସେମାନଙ୍କୁ ଟ୍ରେନିଂ ପାଇଁ ଯିବାର ଅନୁମତି ନିମନ୍ତେ ପଦକ୍ଷେପ ନେବେ କି ; (ଖ) ଡାକ୍ତରମାନଙ୍କୁ କର୍ମକ୍ଷେତ୍ରରେ ବିଭିନ୍ନ ଅସାମାଜିକ ଲୋକ ବେଳେ ବେଳେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥାନ୍ତି ; ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ତରଫରୁ କି ସୁରକ୍ଷା ବ୍ୟବସ୍ଥା ନିଆଯାଇଅଛି ତାହା ଜଣାଇବେ କି ; ଏତଦ୍ ବ୍ୟତୀତ କେତୋଟି ଅଭିଯୋଗ ଡାକ୍ତରମାନଙ୍କ ଠାରୁ ଓ OMSA ତରଫରୁ ହସ୍ତଗତ ହୋଇଛି ଓ ତାହା ଉପରେ କି କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି ଜଣାଇବେ କି?

----

## ନୂତନ ଯୋଜନା ପାଇଁ ଅଧିକ ଖର୍ଚ୍ଚ

*136 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ବର୍ତ୍ତମାନ ଯେଉଁ ଯେଉଁ ନୂଆ ଯୋଜନା ଓ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି ବା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ତାହାଦ୍ୱାରା ବର୍ଷକୁ କେତେ ଅଧିକ ଖର୍ଚ୍ଚ ହେବ ବୋଲି ହିସାବ କରାଯାଉଛି ଏବଂ ତାହା ଜଣାଇବେ କି ?

----

## ବାଣୀବିହାର ମୁଖ୍ୟଫାଟକ ପାଖରେ ଟ୍ରାଫିକ୍ ପୋଷ୍ଟ ନିର୍ମାଣ

*137 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବାଣୀବିହାର, ଉତ୍କଳ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ବହୁ ଗାଡି ମଟର ଦୁର୍ଘଟଣା ହେଉଥିବାରୁ ସେଠାରେ ଏକ ଟ୍ରାଫିକ୍ ପୋଷ୍ଟ ନିର୍ମାଣ କରାଯିବା ପାଇଁ ସରକାର ଦୃଷ୍ଟି ଦେବେ କି ?

----

## ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେବା

*138 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ପ୍ରାୟ ୭୦% ଲୋକ ଉପକୃତ ହେଉଛନ୍ତି, ଗୋଟିଏ ପରିବାର ପ୍ରାୟ 15 ଲକ୍ଷ ଟଙ୍କା ପାଇବାର ବ୍ୟବସ୍ଥା ଅଛି, ମାତ୍ର ଆୟୁଷ୍ମାନ ଭାରତ ଯୋଜନାରେ ଗୋଟିଏ ପରିବାର 5 ଲକ୍ଷ ଟଙ୍କାର ଇନସୁରାନ୍ସ ପାଇବ ଏବଂ ରାଜ୍ୟର କମ ଲୋକ ଉପକୃତ ହେବେ, ଏଭଳି ପରିସ୍ଥିତିରେ ସରକାର କଣ ବିଚାର କରୁଅଛନ୍ତି ?

----

## ରାଜସ୍ୱ ସମ୍ବଳ ବୃଦ୍ଧି ନିମନ୍ତେ ବିଭିନ୍ନ ଯୋଜନା

*139 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଭାରତର କେଉଁ କେଉଁ ରାଜ୍ୟ ରାଜ୍ୟ ରାଜସ୍ୱ ବଳକା ରାଜ୍ୟ ଭାବେ ପରିଗଣିତ ହେଇଛନ୍ତି ତା'ର ବିବରଣୀ ଦେବେ କି ; ବର୍ତମାନ ସୁଦ୍ଧା ରାଜ୍ୟର ଋଣଭାର କେତେ ଅଛି ; ରାଜସ୍ୱ ସମ୍ବଳ ବୃଦ୍ଧି ନିମନ୍ତେ ସରକାର କେଉଁ ସବୁ ଯୋଜନା ରଖିଛନ୍ତି ?

----

## ଥାନା ଓ ଫାଣ୍ଡି ଅନୁସାରେ ଖାଲିଥିବା ପୋଲିସ ପଦବୀ ପୂରଣ

***140 ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସମୁଦାୟ ଥାନା ସଂଖ୍ୟା କେତେ, ସମୁଦାୟ ପୋଲିସ ସଂଖ୍ୟା(ମଂଜୁରୀପ୍ରାପ୍ତ) କେତେ ଅଛନ୍ତି, କେତେ ସମୁଦାୟ ଥାନା ଓ ଫାଣ୍ଡି ସଂଖ୍ୟା କେତେ ଜଣାଇବା ସହ ବର୍ତ୍ତମାନ ସମୟ ପରିସ୍ଥିତି ଅନୁସାରେ ଦିନକୁ ଦିନ ବିଭିନ୍ନ ଧରଣର ଆଇନ ଶୃଙ୍ଖଳା ପରିସ୍ଥିତିକୁ ମୁକାବିଲା ପାଇଁ ଥାନା, ପୋଲିସ ଓ ଫାଣ୍ଡି ସଂଖ୍ୟାରେ ବୃଦ୍ଧି ଆବଶ୍ୟକ କି, ଯଦି ହଁ ତେବେ ପୋଲିସ ଆଧୁନିକିକରଣ, ପୋଲିସ ସଂଖ୍ୟା ବୃଦ୍ଧି, ନୂତନ ଟେକ୍ନୋଲୋଜିର ବ୍ୟବହାର ଓ ବିଭିନ୍ନ କ୍ଷେତ୍ରରେ ଥିବା expert ମାନଙ୍କୁ ପୋଲିସ ବିଭାଗରେ ଗ୍ରହଣ କରିବା ପାଇଁ ଓ ଖାଲିଥିବା ସବୁ ପୋଲିସ ପଦ ପୂରଣ ପାଇଁ କେତେ ଅର୍ଥ ଆବଶ୍ୟକ, କେନ୍ଦ୍ର ଦେଇଛି କେତେ ଓ ରାଜ୍ୟ କେତେ ଦେଇଛି ?

----

## ଡେଙ୍ଗୁ ରୋଗ ପ୍ରତିରୋଧ ପାଇଁ ପଦକ୍ଷେପ

***141 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଡେଙ୍ଗୁ ରୋଗ କ୍ରମେ ଅଧିକ ବ୍ୟାପୁଥିବାରୁ ଏହାର ପ୍ରତିରୋଧ ପାଇଁ ସରକାରଙ୍କର ବିଶେଷ ପଦକ୍ଷେପ କଣ ; ଏହି ରୋଗରେ ଆକ୍ରାନ୍ତ ହୋଇ ଏପର୍ଯ୍ୟନ୍ତ କେତେ ରୋଗୀ ମୃତ୍ୟୁବରଣ କରିଛନ୍ତି ଏଥିରେ ସଚେତନତା ପାଇଁ ବିଶେଷ କାର୍ଯ୍ୟକ୍ରମ କଣ?

----

## ଗ୍ରାମରକ୍ଷୀ ମାନଙ୍କୁ ପାରିଶ୍ରମିକ ବର୍ଦ୍ଧି

***142 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଜିଲ୍ଲାରେ କେତେଜଣ ଗ୍ରାମରକ୍ଷୀ ନିୟୋଜିତ ଅଛନ୍ତି, ସେମାନଙ୍କୁ ମାସିକ କେତେ ପାରିଶ୍ରମିକ ଓ ଅନ୍ୟ ଆନୁସଙ୍ଗିକ ଭତ୍ତା ପ୍ରଦାନ କରାଯାଉଛି, ପ୍ରକାଶ କରି ପ୍ରତ୍ୟେକ ଗ୍ରାମରେ ଗ୍ରାମରକ୍ଷୀ ନିୟୋଜନ ସହ ସେମାନଙ୍କ ପାରିଶ୍ରମିକ ବୃଦ୍ଧି ସହ ସେମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ବୀମାଭୁକ୍ତ ବ୍ୟବସ୍ଥା କରିବେ କି ?

----

## ଏସସିବି ମେଡ଼ିକାଲ କଲେଜକୁ ବିଶ୍ୱସ୍ତରୀୟ ହସପିଟାଲ କରିବା

***143 ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଏସସିବି ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ କରିବା ପାଇଁ କେଉଁ କେଉଁ କ୍ଷେତ୍ରରେ କେତେ ବ୍ୟୟ ଅଟକଳରେ କି କି କାର୍ଯ୍ୟ କେଉଁ ସଂସ୍ଥା ଦ୍ୱାରା କେବେ ଆରମ୍ଭ କରାଯାଇ କେବେ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାର ଯୋଜନା ଅଛି ; କେଉଁ ବର୍ଷ କେତେ ଅର୍ଥ ମଞ୍ଜୁର କରାଯାଇଛି ଓ କେତେ ବ୍ୟୟ ହୋଇଛି ଓ ନୂତନ କୋଠାରେ କେତେ ନୂତନ ଶଯ୍ୟାର ବ୍ୟବସ୍ଥା ସହ କେତେ ନୂତନ ICU ବେଡ ପାଇଁ ବ୍ୟବସ୍ଥା ରହିଛି ତାର ଏକ ବିବରଣୀ ପ୍ରଦାନ କରିବେ କି?

----

## ଆନ୍ତରାଜ୍ୟ ଅପରାଧି ରୋକିବା

***144** **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ସୀମାନ୍ତବର୍ତ୍ତୀ ଜିଲ୍ଲାମାନଙ୍କରେ ଆନ୍ତଃରାଜ୍ୟ ଅପରାଧିଙ୍କ କାର୍ଯ୍ୟକଳାପ ରୋକିବାକୁ ସରକାର କି କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଡାକ୍ତର ଅନୁପସ୍ଥିତ ଯୋଗୁଁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ

***145** **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର PHC, CHC, ମେଡିକାଲ କଲେଜରେ କେତେକ ଡାକ୍ତର ନିଯୁକ୍ତି ପାଇ ଅନୁପସ୍ଥିତ ରହୁଥିବା ଘଟଣା ସତ୍ୟ କି, ଚାକିରୀରେ ଯୋଗ ନଦେଇଥିବା ଡାକ୍ତରଙ୍କ ସଂଖ୍ୟା କେତେ ସରକାରୀ ନିଯୁକ୍ତି ପାଇ ମଧ୍ୟ କର୍ତ୍ତବ୍ୟରେ ଅବହେଳାର କାରଣ କଣ, ଏହି ଡାକ୍ତରଙ୍କ ଅନୁପସ୍ଥିତ ଯୋଗୁଁ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେଉଛି କି, ଏହାନେଇ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଉଛି ତାର ଏକ ତଥ୍ୟ ପ୍ରଦାନ କରିବେକି?

----

## ପୁରୀ Hospital ରେ Burn Ward ଖୋଲିବା

***146** **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ Headquarter Hospital ରେ ଏକ ସଠିକ Burn Ward ନ ଥିବାରୁ ରୋଗୀମାନେ ଉପଯୁକ୍ତ ଚିକିତ୍ସା ପାଇବାରୁ ବଞ୍ଚିତ ହେବାସହ ଅନ୍ୟତ୍ର ସ୍ଥାନାନ୍ତରିତ ହେବା ଏକ ଦୁଃଖ ଓ ଚିନ୍ତାଜନକ ବିଷୟ, ଏଥିପ୍ରତି ଦୃଷ୍ଟି ଦେଇ ସରକାର ଏଠାରେ ଏକ ସଠିକ୍ Burn Ward ଖୋଲିବା ସହିତ ଅଭିଜ୍ଞ ଡାକ୍ତର ଯୋଗାଇ ଉପଯୁକ୍ତ ଚିକିତ୍ସା ଯୋଗଇବା ବ୍ୟବସ୍ଥା କରାଇବେ କି ?

----

## ସ୍ତନ ଓ ଗର୍ଭାଶୟ କର୍କଟ ରୋଗ ନିମନ୍ତେ ପ୍ରତିକାରତ୍ମକ ବ୍ୟବସ୍ଥା

***147** **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମହିଳା ମାନଙ୍କ ମଧ୍ୟରେ ଉଦବେଗଜନିତ ଭାବରେ ବୃଦ୍ଧି ପାଉଥିବା ସ୍ତନ ଏବଂ ଗର୍ଭାଶୟ କର୍କଟ ରୋଗ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିକାରାତ୍ମକ ବ୍ୟବସ୍ଥା ସ୍ୱରୂପ "ସଚେତନତା ଅଭିଯାନ" ଏବଂ ଗର୍ଭାଶୟ କର୍କଟ ପାଇଁ "PAP SMEAR TEST" ଓ ଟୀକାଦାନ କାର୍ଯ୍ୟକ୍ରମ ଆରମ୍ଭ କରିବାର ପ୍ରସ୍ତାବ ଅଛି କି, ଯଦି ଅଛି ତାହାହେଲେ କେବେଠାରୁ ଆରମ୍ଭ ହେବ ?

----

## PHC ଓ CHC ରେ ଖାଲିଥିବା ଡାକ୍ତର ପଦବୀ ପୂରଣ

***148 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବିଷମ କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିମ୍ନଲିଖିତ CHC, ବିଷମ କଟକ, ମୁନିଗୁଡା, କଲୋନରା, କଲ୍ୟାଣସିଂହପୁର CHC ମାନଙ୍କରେ ମୋଟ କେତେଗୋଟି ଡାକ୍ତର ପଦବୀ ଅଛି ଏବଂ ସେହି CHC ମାନଙ୍କରେ କେତେ ଡାକ୍ତର ଅଛନ୍ତି ଏବଂ କେତେଗୋଟି ଡାକ୍ତର ପଦବୀ ଖାଲିଅଛି ଏହାର CHC ୱାରୀ ତାଲିକା ପ୍ରଦାନ କରିବେ କି ; (ଖ) କେଉଁ ସମୟସୀମା ଭିତରେ ବିଷମ କଟକ CHC, ମୁନିଗୁଡା CHC, କଲୋନରା CHC, କଲ୍ୟାଣସିଂହପୁର CHC ମାନଙ୍କରେ ଖାଲିପଡିଥିବା ଡାକ୍ତର ପଦବୀ ସରକାର ପୂରଣ କରିବେ ?

----

## ଡାକ୍ତର ଏବଂ ନର୍ସିଂ ଷ୍ଟାଫ ପଦବୀ ପୂରଣ

***149 ଶ୍ରୀମତୀ ବର୍ଷା ସିଂହ ବରିହା (ପଦ୍ମପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାରିଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୋଟିଏ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଅଛି, ଏହି ପାଞ୍ଚଗୋଟି ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରେ ଦଶଗୋଟି ପ୍ରାଥମିକ ଚିକିତ୍ସାଳୟ ରହିଛି ଏବଂ ସମସ୍ତ ଚିକିତ୍ସାଳୟରେ ଡାକ୍ତର ଏବଂ ନର୍ସିଂ ଷ୍ଟାଫ୍ ର ଅଭାବ ରହିଛି, ଏହି ଡାକ୍ତର ଏବଂ ନର୍ସିଂ ଷ୍ଟାଫ୍ ଅଭାବ ଯୋଗୁଁ ପଦ୍ମପୁର ଅଞ୍ଚଳର ଲୋକେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ସୂଚାରୁ ରୂପେ ସ୍ୱାସ୍ଥ୍ୟ ସେବା ପାଉନାହାନ୍ତି, ଡାକ୍ତର ଏବଂ ନର୍ସିଂ ଷ୍ଟାଫ ପୂରଣ ନିମନ୍ତେ ସରକାର କ'ଣ କ'ଣ ପଦକ୍ଷେପ ନେବେ କି, ଯଦି 'ହଁ' କେବେ ସୁଦ୍ଧା ପଦକ୍ଷେପ ଗ୍ରହଣ କରାଯିବ ?

----

## ସୁନ୍ଦରଗଡ ସରକାରୀ ମେଡିକାଲ କଲେଜକୁ ଏମ୍ସରେ ପରିଣତ

***150 ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୁନ୍ଦରଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ପଡୋଶୀ ଝାଡଖଣ୍ଡ ଓ ଛତିଶଗଡ ରାଜ୍ୟ ସହ ସେହି ଅଞ୍ଚଳର ଅନେକ ରୋଗୀ ନିର୍ଭର କରିବା ହେତୁ ଅତ୍ୟଧିକ ଭିଡ ସୃଷ୍ଟି ହେବା ସରକାରଙ୍କ ନଜରକୁ ଆସିଛି କି, ଯଦି 'ହଁ' ତେବେ ଏ ସମ୍ବନ୍ଧରେ ସରକାର କି ପଦକ୍ଷେପ ନେବେ ; (ଖ) ରାଜ୍ୟସରକାରଙ୍କ ଅନୁରୋଧ କ୍ରମେ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ଏମ୍ସ ରେ ପରିଣତ କରିବା ପାଇଁ କେନ୍ଦ୍ରରୁ ଏକ ପ୍ରତିନିଧି ଦଳ ନିରିକ୍ଷଣ କରିବା ପାଇଁ ଆସିଥିଲେ କି, ଯଦି 'ହଁ' ତେବେ ସେମାନେ ଦେଇଥିବା ରିପୋର୍ଟର ସ୍ଥିତି କ'ଣ ଏବଂ ଏଠାରେ କେବେ ସୁଦ୍ଧା ଏମ୍ସ ପ୍ରତିଷ୍ଠା କରାଇବେ ?

----